# NATIONAL NEWS BULLETIN (ODIA)

**7 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ଏନ୍‌ଡିଏ ସଂସଦୀୟ ଦଳର ନେତା ନିର୍ବାଚିତ ।
- ଆସନ୍ତା ୧୦ବର୍ଷରେ ଭାରତବର୍ଷରେ ବିକାଶର ନୂଆ ଅଧ୍ୟାୟ ଲେଖାଯିବ, କହିଲେ ଶ୍ରୀ ମୋଦୀ ।
- କ୍ରମାଗତ ଅଷ୍ଟମଥର ଲାଗି ଅପରିବର୍ତ୍ତିତ ରହିଲା ରେପୋରେଟ୍ ।
- ମ୍ୟାଁମାରରେ ବୃଦ୍ଧି ପାଉଥିବା ସଂଘର୍ଷକୁ ନେଇ ଚିନ୍ତା ବ୍ୟକ୍ତ କଲେ ଜାତିସଂଘ ମହାସଚିବ ।

ଏବଂ

- ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ରେ ଆଜି ମୁହାଁମୁହିଁ ହେବେ କାନାଡା ଓ ଆୟାରଲ୍ୟାଣ୍ଡ ।

## ଏନ୍‌ଡିଏ ବୈଠକ

ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ-ଏନ୍‌ଡିଏ ସଂସଦୀୟ ଦଳ ବୈଠକରେ ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀଙ୍କୁ ମେଣ୍ଟର ନେତା ଭାବେ

ନିର୍ବାଚିତ କରାଯାଇଛି । ପୁରୁଣା ସଂସଦ ଭବନର କେନ୍ଦ୍ରୀୟ ହଲ୍‌ରେ ଅନୁଷ୍ଠିତ ବୈଠକରେ ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଏନ୍‌ଡିଏ ସଂସଦୀୟ ଦଳର ନେତା ଭାବେ ନରେନ୍ଦ୍ର ମୋଦୀଙ୍କ ନାମ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ନୀତିନ ଗଡ଼କରୀ, ତେଲୁଗୁ ଦେଶମ ପାର୍ଟି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ, ଜନତାଦଳ ୟୁନାଇଟେଡ୍ ଅଧ୍ୟକ୍ଷ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଓ ଏନଡିଏର ସମସ୍ତ ସହଯୋଗୀ ଦଳ ସମର୍ଥନ କରିଛନ୍ତି ।

ଶ୍ରୀ ମୋଦୀଙ୍କ ନାମ ପ୍ରସ୍ତାବ ଦେଇ ବିଜେପିର ବରିଷ୍ଠ ନେତା ରାଜନାଥ ସିଂ କହିଛନ୍ତି ଯେ ଏହି ପଦ ପାଇଁ ସେ ସବୁଠାରୁ ଉପଯୁକ୍ତ ବ୍ୟକ୍ତି । ଏହି ଏନ୍‌ଡିଏ ମେଣ୍ଟ ବାଧ୍ୟବାଧକତାରେ ନୁହେଁ, ବରଂ ଏହା ଆମର ପ୍ରତିଶ୍ରୁତି ବୋଲି ସେ କହିଛନ୍ତି । ପ୍ରସ୍ତାବକୁ ସମର୍ଥନ କରି କେନ୍ଦ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ଏନ୍‌ଡିଏ କେବଳ ମେଣ୍ଟ ଦଳମାନଙ୍କର ନୁହେଁ ବରଂ ୧୪୦ କୋଟି ଭାରତୀୟଙ୍କ ବିଶ୍ୱାସର ପ୍ରତୀକ ।

ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, ଭାରତକୁ ଏକ ସମୃଦ୍ଧ ମହାଶକ୍ତିରେ ପରିଣତ କରିବା ଲାଗି ଶ୍ରୀ ମୋଦୀ ସଂପୂର୍ଣ୍ଣ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି ବୋଲି କହିଛନ୍ତି । ତେଲୁଗୁ ଦେଶମ୍ ପାର୍ଟି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଗତ ୧୦ବର୍ଷରେ ଏନଡିଏ ସରକାର ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବା ଫଳରେ ଦେଶରେ ଉଲ୍ଲେଖନୀୟ ପ୍ରଗତି ଓ ପରିବର୍ତ୍ତନ ଘଟିଛି । ଶ୍ରୀ ମୋଦୀଙ୍କୁ ସମର୍ଥନ ଜଣାଇ ବିହାର ମୁଖ୍ୟମନ୍ତ୍ରୀ

ତଥା ଜେଡିୟୁ ଅଧ୍ୟକ୍ଷ ନୀତିଶ କୁମାର କହିଛନ୍ତି ଯେ ଆମେ ସମସ୍ତେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକାଠି କାମ କରିବାର ସୁଯୋଗ ପାଇଛୁ । ଏହି ଅବସରରେ ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା ଲୋକସଭା ନିର୍ବାଚନ ସମେତ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ବିଜେପିକୁ ମିଳିଥିବା ସଫଳତା ପ୍ରଶଂସନୀୟ ବୋଲି କହିଛନ୍ତି ।

ଏନ୍‌ଡିଏ ସଂସଦୀୟ ଦଳର ନେତା ନିର୍ବାଚିତ ହେବା ପରେ ଶ୍ରୀ ମୋଦୀ ମେଣ୍ଟର ସହଯୋଗୀ ଦଳମାନଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଦେଶରେ ସବୁଠାରୁ ସଫଳ ମେଣ୍ଟ ଭାବରେ ଏନଡିଏ ଉଭା ହୋଇଛି । ଏନ୍‌ଡିଏ କଥା ଭାବିବା କ୍ଷଣି ସୁଶାସନ ବ୍ୟବସ୍ଥା ଆପଣାଛାଏଁ ମନ ଭିତରକୁ ଆସିଯାଉଛି ବୋଲି ସେ କହିଛନ୍ତି ।

ଶ୍ରୀ ମୋଦୀ ଆସନ୍ତା ୧୦ବର୍ଷରେ ଭାରତବର୍ଷରେ ବିକାଶର ନୂଆ ଅଧ୍ୟାୟ ଲେଖାଯିବ ବୋଲି ସେ କହିଛନ୍ତି । ସଂସଦରେ ସମସ୍ତ ଦଳର ସାଂସଦ ତାଙ୍କ ପାଇଁ ସମାନ ଏବଂ ସେମାନଙ୍କ ମଧ୍ୟରେ କୌଣସି ଭେଦଭାବ ନାହିଁ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଓଡ଼ିଶା ସଂପର୍କରେ ଶ୍ରୀ ମୋଦୀ କହିଛନ୍ତି ଆସନ୍ତା ୨୫ ବର୍ଷ ପର୍ଯ୍ୟନ୍ତ ଦେଶର ବିକାଶ କ୍ଷେତ୍ରରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ । ଓଡ଼ିଶାର ଫଳାଫଳ ବିକଶିତ ଭାରତର ସ୍ୱପ୍ନକୁ ନୂଆ ଗତି ଦେବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଆଜିର ଏହି ବୈଠକରେ ଶ୍ରୀ ମୋଦୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋୟଲ୍, ଅନୁରାଗ ସିଂ ଠାକୁର, ଏଲ୍‌ଜେପି-ରାମବିଲାସ ଦଳର ମୁଖ୍ୟ

ଚିରାଗ ପାଶ୍ୱାନ, ଏନ୍‌ସିପି ନେତା ଅଜିତ ପାଓ୍ୱାର, ଆର୍‌ଏଲ୍‌ଡି ମୁଖ୍ୟ ଜୟନ୍ତ ଚୌଧୁରୀ, ଜନସେନା ମୁଖ୍ୟ ପଓ୍ୱନ କଲ୍ୟାଣ, ଅପ୍‌ନା ଦଳ-ଏସ୍‌ର ନେତ୍ରୀ ଅନୁପ୍ରିୟା ପଟେଲ, ଜେଡିଏସ୍ ନେତା ଏଚ୍.ଡି. କୁମାର ସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ ।

---

# ଜେଡିୟୁ-ମିଟିଂ

ଜନତା ଦଳ ୟୁନାଇଟେଡ୍ ର ଆଜି ନୂଆଦିଲ୍ଲୀରେ ସଂସଦୀୟ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଦଳର ଅଧ୍ୟକ୍ଷ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳୀୟ ସଦସ୍ୟ ଲଲନ ସିଂ, ସଂଜୟ କୁମାର ଝା, ଅଜୟ କୁମାର ମଣ୍ଡଳ, ବିଜୟଲକ୍ଷ୍ମୀ କୁଶଓ୍ୱାହା, କୌଶଲେନ୍ଦ୍ର କୁମାର, ରାମନାଥ ଠାକୁର, ଦେବେଶ ଚନ୍ଦ୍ର ଠାକୁର, ସୁନୀଲ କୁମାର, ଲବ୍‌ଲୀ ଆନନ୍ଦ, ଗିରିଧାରୀ ଯାଦବ ଏବଂ ଅନୀଲ ହେଗେଡ୍ ପ୍ରମୁଖ ଉପସ୍ଥିତ ଥିଲେ ।

ଅନ୍ୟପକ୍ଷରେ ଆଜି ମଧ୍ୟ ନୂଆଦିଲ୍ଲୀରେ ଲୋକଜନଶକ୍ତି -ରାମବିଳାଶ ଦଳର ସଂସଦୀୟ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଚିରାଗ ପାଶ୍ୱାନଙ୍କୁ ଦଳର ସଂସଦୀୟ କମିଟି ନେତା ଭାବେ ଚୟନ କରାଯାଇଛି ।

---

# ବାଙ୍ଗଲାଦେଶ-ୟୁଏନ

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ମ୍ୟାଁମାରରେ ବୃଦ୍ଧି ପାଉଥିବା ସଂଘର୍ଷକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି । ଜାତିସଂଘ ମହାସଚିବଙ୍କ ମୁଖପାତ୍ର ଷ୍ଟିଫେନ୍ ଦୁଜାରିକ୍ କହିଛନ୍ତି ମ୍ୟାଁମାରରେ ବୃଦ୍ଧି

ପାଉଥିବା ହିଂସାତ୍ମକ ଘଟଣାକୁ ନେଇ ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି । ମ୍ୟାଁମାର ସେନାର ଆକ୍ରମଣ ଯୋଗୁଁ ବିଭିନ୍ନ ଅଞ୍ଚଳରେ ଅନେକ ନାଗରିକଙ୍କ ମୃତ୍ୟୁ ପରେ ଜାତିସଂଘ ପକ୍ଷରୁ ଏଭଳି କୁହାଯାଇଛି ।

୨୦୨୧ରେ ଶାସନ ଭାର ଅକ୍ତିଆର କରିବା ପରେ ମ୍ୟାଁମାର ସେନା ଦେଶ ଭିତରେ ନିୟନ୍ତ୍ରଣ ହାସଲ କରିବା ଲାଗି ନିରନ୍ତର ପ୍ରୟାସ କରୁଛି । ଶ୍ରୀ ଗୁଟେରସ୍ ମାନବାଧିକାର ଉଲ୍ଲଂଘନ ଏବଂ ଅଚାନକ ଆକ୍ରମଣ ଘଟଣାରେ ସାଧାରଣ ନାଗରିକଙ୍କୁ ସୁରକ୍ଷା ଯୋଗାଇଦେବା ଲାଗି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଏଭଳି ଘଟଣା ପାଇଁ ଦାୟୀ ବ୍ୟକ୍ତି କିମ୍ବା ସଂଗଠନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ଶ୍ରୀ ଗୁଟେରସ୍ ମ୍ୟାଁମାରରେ ଚାଲିଥିବା ସଂଘର୍ଷରେ ଲିପ୍ତ ସମସ୍ତ ପକ୍ଷଙ୍କୁ ସଂଯମତା ରକ୍ଷା କରିବା ଲାଗି ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ନାଗରିକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ଅତ୍ୟନ୍ତ ଜରୁରୀ ।

## ଆର୍‌ବିଆଇ-ରେପୋରେଟ୍

ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ଅପରିବର୍ତ୍ତିତ ରଖିଛନ୍ତି । ଆଜି ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ପରେ ରେପୋ ରେଟ୍ ପୂର୍ବ ଭଳି ୬ ଦଶମିକ ୫ ପ୍ରତିଶତ ରଖାଯାଇଛି । କ୍ରମାଗତ ଭାବେ ଅଷ୍ଟମଥର ଲାଗି ରିଜର୍ଭ ବ୍ୟାଙ୍କ ରେପୋ ରେଟ୍ ରେ କୌଣସି ପରିବର୍ତ୍ତନ କରିନାହାନ୍ତି । ଏହାଛଡ଼ା ସ୍ଥାୟୀ ଜମା ସୁବିଧା ଦର ୬ ଦଶମିକ ୨/୫ ପ୍ରତିଶତ ଏବଂ ଋଣ ସୁବିଧା ଦର ତଥା ବ୍ୟାଙ୍କ ଦର ୧୦ ଦଶମିକ ୭/୫ ପ୍ରତିଶତ ରଖାଯାଇଛି । ମୁଦ୍ରାନୀତି ସମୀକ୍ଷା କରୁଥିବା କମିଟି  ଚଳିତଥର ଦୁଇଜଣ ବଦଳରେ

୪ଜଣଙ୍କ ମତରେ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । କମିଟି ପକ୍ଷରୁ ଆର୍ଥିକ ବିକାଶକୁ ଗତିଶୀଳ କରିବା ଏବଂ ମୁଦ୍ରାସ୍ଫୀତିକୁ ସୀମିତ ରଖିବା ଉପରେ ଜୋର୍ ଦେଇଛି । ଏହି ବୈଠକ ଜୁନ୍ ୫ରୁ ଆରମ୍ଭ ହୋଇଥିଲା ।

ବୈଠକ ପରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ମୁଦ୍ରାସ୍ଫୀତି ଏବଂ ଆର୍ଥିକ ବୃଦ୍ଧି ମଧ୍ୟରେ ସନ୍ତୁଳନ ଅନୁକୂଳ ରହିଛି । ସେ କହିଛନ୍ତି ମୁଦ୍ରାନୀତି ଅନୁଯାୟୀ ମୁଦ୍ରାସ୍ଫୀତି ୪ ପ୍ରତିଶତ ମଧ୍ୟରେ ରଖାଯାଇଛି । ଆସନ୍ତା ମୌସୁମୀ ଋତୁରେ ଖାଦ୍ୟ ମୁଦ୍ରାସ୍ଫୀତି ଉପରେ କମିଟି ନଜର ରଖିଥିବା ସେ କହିଛନ୍ତି । ଚଳିତ ଆର୍ଥିକବର୍ଷ ପାଇଁ ବିକାଶ ଦର ୭ ପ୍ରତିଶତରୁ ୭ ଦଶମିକ ୨ ପ୍ରତିଶତ କରାଯାଇଥିବା ସେ କହିଛନ୍ତି ।

---

# ପିଏମ୍-କ୍ୟୁଏସ୍ ର୍‍ୟାଙ୍କିଙ୍ଗ୍

ବିଗତ ୧୦ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଅନେକ ପଦକ୍ଷେପ ଗ୍ରହଣ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । କ୍ୟୁ.ଏସ୍. ବିଶ୍ୱ ୟୁନିଭରସିଟି ର୍‍ୟାଙ୍କିଙ୍ଗ୍‌ରେ ଜି-୨୦ ଦେଶମାନଙ୍କ ମଧ୍ୟରେ ଭାରତ ଆଗରେ ରହିଥିବା ସେ କହିଛନ୍ତି । ୨୦୧୫ରେ ୧୧ଟି ବିଶ୍ୱବିଦ୍ୟାଳୟ ଥିଲାବେଳେ ଏବେ ଭାରତରେ ବିଶ୍ୱବିଦ୍ୟାଳୟ ସଂଖ୍ୟା ୪୬କୁ ବୃଦ୍ଧି ପାଇବା ସହ ର୍‍ୟାଙ୍କିଙ୍ଗ୍‌ରେ ୩୧୮ ପ୍ରତିଶତ ବୃଦ୍ଧି ଘଟିଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକର କଠିନ ପରିଶ୍ରମ ଓ ସମର୍ପଣ ପାଇଁ ସେମାନଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି

ସରକାର ତାଙ୍କ ତୃତୀୟ କାର୍ଯ୍ୟକାଳରେ ଗବେଷଣା ଉପରେ ଅଧିକ ଧ୍ୟାନ ଦେବାକୁ ସ୍ଥିର କରିଛନ୍ତି ।

---

# ଏନ୍‌ଟିଏ

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ଚଳିତବର୍ଷ ନିଟ୍ ୟୁଜି ପରୀକ୍ଷାରେ କଟ୍‌ଅଫ୍ ମାର୍କ ବୃଦ୍ଧି ପାଇବା ନେଇ ସ୍ପଷ୍ଟୀକରଣ ପ୍ରଦାନ କରିଛି । ସଂସ୍ଥା କହିଛି ଚଳିତବର୍ଷ ପରୀକ୍ଷାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନେ ଉଚ୍ଚମାନର ପ୍ରଦର୍ଶନ କରିଛନ୍ତି । ଏହି ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀମାନଙ୍କ କଟ୍‌ଅଫ୍ ମାର୍କକୁ ନେଇ ସନ୍ଦେହ ପ୍ରକାଶ ପାଇବା ପରେ ସଂସ୍ଥା ପକ୍ଷରୁ ଏହା କୁହାଯାଇଛି । ସଂସ୍ଥା କହିଛି **NCERT** ଦ୍ୱାରା ପାଠ୍ୟପୁସ୍ତକ ଗୁଡ଼ିକର ପୁରୁଣା ଏବଂ ନୂଆ ସଂସ୍କରଣ ମଧ୍ୟରେ ପ୍ରଭେଦ ଥିବାରୁ ବିଷୟ ବିଶେଷଜ୍ଞମାନେ ଗୋଟିଏ ବିକଳ୍ପ ବଦଳରେ ଦୁଇଟି ବିକଳ୍ପକୁ ଉତ୍ତର ଭାବରେ ଗ୍ରହଣ କରିଛନ୍ତି । ଏନ୍‌ଟିଏ କହିଛି ଯେଉଁ ୬୭ ଜଣ ଛାତ୍ରଛାତ୍ରୀଙ୍କୁ ଶତପ୍ରତିଶତ ମାର୍କ ମିଳିଛି, ସେମାନଙ୍କ ମଧ୍ୟରୁ ୪୪ ଜଣଙ୍କୁ ଭୌତିକ ବିଜ୍ଞାନରେ ଗୋଟିଏ ବିକଳ୍ପ ସଂଶୋଧନ ଲାଗି ୧ ମାର୍କ ମିଳିଛି । ଏ ନେଇ ଗଠିତ ଯାଞ୍ଚ କମିଟି ୨ଟି ବିକଳ୍ପ ସମସ୍ୟାର ସମାଧାନ କରି କହିଛି ଛାତ୍ରଛାତ୍ରୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ପ୍ରଶ୍ନର ଉତ୍ତର ଗୁଡ଼ିକ ଲାଗି ଅଧିକ ସମୟ ଖର୍ଚ୍ଚ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଏବଂ ସିସିଟିଭି ଫୁଟେଜ୍ ଆଧାରରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଏନ୍‌ଟିଏ କହିଛି ।

---

# ଶ୍ରୀଲଙ୍କା ଆଇଏମ୍‌ଏଫ୍‌

ଆନ୍ତର୍ଜାତିକ ମୁଦ୍ରାପାଣ୍ଠି-ଆଇଏମ୍‌ଏଫ୍‌ ଶ୍ରୀଲଙ୍କାରେ ହେଉଥିବା ଆର୍ଥିକ ବିକାଶ ଦୃଷ୍ଟିରୁ ଦେଶର ଋଣ ସମସ୍ୟାର ଶୀଘ୍ର ସମାଧାନ ନେଇ ବିଶ୍ୱାସ ବ୍ୟକ୍ତ କରିଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀଲଙ୍କାର ଅର୍ଥରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ଶ୍ରୀଲଙ୍କାରେ ଅର୍ଥ ବ୍ୟବସ୍ଥାରେ ଦ୍ରୁତ ବିକାଶ ଘଟୁଥିବାରୁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ବିଦେଶୀ ଋଣଦାତା ଏବଂ ଅନ୍ୟ ଋଣଦାତାଙ୍କ ସହ ବୁଝାମଣା ଲାଗି ପ୍ରତିଶ୍ରୁତି ଦେଇଛି । ସେ କହିଛନ୍ତି ଘରୋଇ ଋଣ ପରିଚାଳନା କ୍ଷେତ୍ରରେ ଦେଶ ଅନେକାଂଶରେ ସଫଳତା ଲାଭ କରିଛି ।

ଅନ୍ୟପକ୍ଷରେ ଆଇଏମ୍‌ଏଫ୍‌ ର ଜଣେ ଅଧିକାରୀ କହିଛନ୍ତି ଋଣ ପୁନଃ ପରିଚାଳନା କ୍ଷେତ୍ରରେ ଶ୍ରୀଲଙ୍କା ଆଖିଦୃଶିଆ ଉନ୍ନତି ହାସଲ କରିଛି ।

---

# ପ୍ରତିମୂର୍ତ୍ତି-ସଂସଦ ଭବନ

ଲୋକସଭା ସଚିବାଳୟ ସଂସଦ ଭବନ ପରିସରରେ ପ୍ରେରଣାସ୍ଥଳର ବିକାଶ କରୁଛି । ଏହି ପ୍ରେରଣାସ୍ଥଳରେ ଦେଶର ମହାନ ସ୍ୱାଧୀନତା ସଂଗ୍ରାମୀ ଏବଂ ନେତାମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଛି । ପୂର୍ବରୁ ସଂସଦ ଭବନର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ସଂଗ୍ରାମୀ ଓ ନେତାମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିବା ବେଳେ ଏବେ ସମସ୍ତ ପ୍ରତିମୂର୍ତ୍ତି ଗୋଟିଏ ସ୍ଥାନରେ ରଖାଯାଉଛି । ଫଳରେ ସଂସଦ ପରିସରକୁ ଆସୁଥିବା ପର୍ଯ୍ୟଟକମାନେ ଗୋଟିଏ ସ୍ଥାନରେ ସହଜରେ ସମସ୍ତ

ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଦେଖିପାରିବେ, ଶ୍ରଦ୍ଧାସୁମନ ଅର୍ପଣ କରିପାରିବେ ଏବଂ ସେମାନଙ୍କ ଜୀବନ ଓ ଦର୍ଶନରୁ ପ୍ରେରଣା ପାଇପାରିବେ ।

ଏ ନେଇ ଲୋକସଭା ସଚିବାଳୟ ପକ୍ଷରୁ କୁହାଯାଇଛି ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନୀ ଓ ଅବଦାନ ସଂପର୍କରେ ପର୍ଯ୍ୟଟକମାନଙ୍କୁ ବିସ୍ତୃତ ସୂଚନା ପ୍ରଦାନ ଲାଗି ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯାଉଛି ।

---

## ଫୁଟ୍‌ବଲ୍

ଭାରତ ଏବଂ କୁଏତ୍ ମଧ୍ୟରେ କୋଲକାତାର ସଲ୍‌ଟ ଲେକ୍‌ରେ ଗତକାଲି ଅନୁଷ୍ଠିତ ଫୁଟ୍‌ବଲ ମ୍ୟାଚ୍ ଅମିମାଂସିତ ଭାବେ ଶେଷ ହୋଇଛି । ଏହି ମ୍ୟାଚ୍‌ରେ ଦେଶ ପାଇଁ ଫୁଟ୍‌ବଲ ଖେଳାଳି ସୁନୀଲ ଛେତ୍ରୀ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ । ଏହି ମ୍ୟାଚ୍ ଡ୍ର ରହିବା ପରେ ଫିଫା ବିଶ୍ୱକପ୍‌ର ତୃତୀୟ ପର୍ଯ୍ୟାୟ କ୍ୱାଲିଫାୟର୍ ରେ ପହଞ୍ଚିବା ପାଇଁ ଭାରତ ଯୋଗ୍ୟତା ହାସଲ କରିପାରି ନାହିଁ । ର୍‍ୟାଙ୍କିଙ୍ଗ୍ ତାଲିକାରେ ୫ ଅଙ୍କ ସହିତ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି । କୁଏତ୍ ଏବଂ ଆଫଗାନିସ୍ତାନକୁ ୪ ଅଙ୍କ ଲେଖାଏଁ ମିଳିଛି । ଏବେ ଭାରତକୁ ଆଗକୁ ଯିବାକୁ ହେଲେ କତାର ବିରୁଦ୍ଧରେ ମ୍ୟାଚ୍ ଜିତିବାକୁ ପଡ଼ିବ ବୋଲି ଜଣାପଡ଼ିଛି ।

---

## ଟି-୨୦

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ରେ ଗତକାଲି ଆୟୋଜକ ଆମେରିକା ପାକିସ୍ତାନକୁ ସୁପର୍ ଓଭରରେ ୫ ରନ୍‌ରେ ପରାସ୍ତ କରିଛି । ଗତକାଲି ଦଲାସ୍‌ର ଗ୍ରାଣ୍ଡ୍ ପ୍ରେୟରୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ

ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ୍ ବିନିମୟରେ ଶହେ ଅଣଷଠୀ ରନ୍ ସ୍କୋର୍ କରିବା ପରେ ଉଭୟ ଦଳ ସମାନ ସ୍ଥିତିରେ ପହଞ୍ଚିଥିଲେ । ପରେ ସୁପର୍ ଓଭର୍‌ରେ ଆମେରିକା ୧ ୱିକେଟ୍ ହରାଇ ୧୮ ରନ୍ କରିଥିଲା । ଏହାର ଜବାବରେ ପାକିସ୍ତାନ ୧ ୱିକେଟ୍ ବିନିମୟରେ ୧୩ ରନ୍ ସ୍କୋର କରିବାକୁ ସକ୍ଷମ ହୋଇଥିଲା ।

ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ବାର୍ବାଡୋଜ୍‌ର ବ୍ରିଜ୍‌ଟାଉନ୍‌ସ୍ଥିତ କ୍ୟାସିଂଟନ୍ ଓଭାଲ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ସ୍କଟଲ୍ୟାଣ୍ଡ' ନାମିବିଆକୁ ୫ ୱିକେଟ୍‌ରେ ପରାସ୍ତ କରିଥିଲା । ୧୫୬ ରନ୍‌ର ପିଛା କରି ସ୍କଟଲ୍ୟାଣ୍ଡ ୫ ୱିକେଟ୍ ଏବଂ ୯ଟି ବଲ୍ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ପ୍ରଥମେ ନାମିବିଆ ବ୍ୟାଟିଂ କରି ୨୦ ଓଭର୍‌ରେ ୯ଟି ୱିକେଟ୍ ହରାଇ ୧୫୫ ରନ୍ ସ୍କୋର କରିଥିଲା ।

ଆଜି ସନ୍ଧ୍ୟାରେ ନିଉୟର୍କର ନାଶାଉ କାଉଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ କାନାଡା ଓ ଆୟାରଲ୍ୟାଣ୍ଡ ମଧ୍ୟରେ ମୁକାବିଲା ହେବ ।

---